ଧରିତ୍ରୀ
DHARITRI
April 5-11, 2020 ₹ 2/-

# ଛୁଟିଦିନ



# ବିଶ୍ୱ ମହାମାରୀ

## ତଥାପି ଥମିନି ପାଦ

ମାନବ ସଭ୍ୟତାର ପ୍ରଗତି ପଥରେ ସବୁବେଳେ ପ୍ରତିବନ୍ଧକ ହୋଇ ଠିଆ ହୋଇଛି ମହାମାରୀ। ଏମିତିକି ଗୋଟିଏ ଗୋଟିଏ ମହାମାରୀରେ ମୂଳପୋଛ ହୋଇଯାଇଛି ଗୋଟିଏ ଗୋଟିଏ ବିକଶିତ ସଭ୍ୟତା। ତଥାପି ଥମିଯାଇନି ମଣିଷର ପାଦ। ଏଇଥିରୁ ଶିକ୍ଷା ପାଇଛି। ଆଉ ଆଗକୁ ବଢ଼ିଛି...

୩ ପ୍ରଚ୍ଛଦ ପ୍ରସଙ୍ଗ
ସିନେମା ୫
ସହରଠୁ ଦୂର ୬



# ହେୟାର ଡ୍ରେସରଙ୍କ ଅଭିନବ କାର୍ଯ୍ୟ



ଏବେ ବିଶ୍ୱର ଚାରିଆଡ଼େ କରୋନାର ଚିନ୍ତା। କରୋନା ଯେମିତି ଜନଜୀବନକୁ ଅସ୍ତବ୍ୟସ୍ତ କରି ପକେଇଛି। ସବୁକିଛିକୁ ସ୍ଥାଣୁ କରିଦେଇଛି କରୋନା। ହେଲେ ମଣିଷର ଗତିକୁ କରୋନା ରୋକିପାରିନାହିଁ। ମଣିଷ କେମିତି ବଞ୍ଚିବ ତାହାର ଉପାୟ ନିରୂପଣ କରିନେଇଛି। ଗୋଟିଏ ଦୃଷ୍ଟାନ୍ତ ରୂପରେ ନିଆଯାଇପାରିବ ହଲାଣ୍ଡର ଏଇ ଘଟଣାଟିକୁ ନେଇ ଯାହା ଖୁବ୍ ଚର୍ଚ୍ଚା ପାଲଟିଛି। ହଲାଣ୍ଡର ଜଣେ ହେୟାର ଡ୍ରେସର ଘଟେଇଛନ୍ତି ଏଭଳି ଏକ ଘଟଣା। ସେ ତାଙ୍କ କାମ ବନ୍ଦ କରିନାହାନ୍ତି। ଏଥିସହିତ କରୋନାକୁ ମଧ୍ୟ ଅଣଦେଖା କରିନାହାନ୍ତି। ସେଥିଲାଗି ସେ ଗୋଟେ ଅଦ୍ଭୁତ ଉପାୟ ଅବଲମ୍ବନ କରିଛନ୍ତି। ଗୋଟିଏ ଛତାକୁ ସେ ନିଜର ଢାଲ ଭାବରେ ବ୍ୟବହାର କରିଛନ୍ତି। ଛତାର ବିଭିନ୍ନ ସ୍ଥାନରେ ଛିଦ୍ର କରି ତାହାକୁ ନିଜର ଏକ ଅସ୍ତ୍ର ବନେଇଛନ୍ତି। ସେହି ଛିଦ୍ର ବାଟେ ହାତ ଗଳେଇ ସେ ଲୋକମାନଙ୍କ ସେବା କରିବାରେ ଲାଗିଛନ୍ତି। ଫଳରେ ତାଙ୍କୁ କିଛି ଅର୍ଥ ମିଳିଯାଉଛି। ଲୋକମାନେ ବି ଉପକୃତ ହେଉଛନ୍ତି। ବର୍ତ୍ତମାନ କରୋନା ଭୟରେ କୌଣସି ସ୍ଥାନରେ ସେଲୁନ୍ ଖୋଲୁନାହିଁ। ଲୋକମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ସ୍ଥିତିରେ ହଲାଣ୍ଡର ଏଇ ହେୟାର ଡ୍ରେସରଙ୍କ ଅଭିନବ ଉପାୟକୁ ସୋସିଆଲ୍ ମିଡ଼ିଆରେ ଖୁବ୍ ପ୍ରଶଂସା କରାଯାଇଛି।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଏପ୍ରିଲ ୫-୧୧

**ମେଷ**: ମିତ୍ରତା ବୃଦ୍ଧି ପାଇବ, ଯାତ୍ରା ସ୍ଥଗିତ ରହିବ, ବ୍ୟୟବହୁଳରୁ ଦୁଶ୍ଚିନ୍ତା, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ, ଅଭିଳଷିତ ଫଳପ୍ରାପ୍ତି, ଅର୍ଥପ୍ରାପ୍ତି ହେବ, ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ସମ୍ପର୍କ ଯୋଡ଼ିପାରନ୍ତି, ସହାୟତା ପାଇବେ, ସଦ୍ଭାବ ବୃଦ୍ଧି।

**ବୃଷ**: କାମ ତ୍ୱରାନ୍ୱିତ ହେବ, ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁଙ୍କ ସହ ବିତର୍କ, ବିଭିନ୍ନ ସୂତ୍ରରୁ ରୋଜଗାର, ଭ୍ରମଣହେତୁକ କ୍ଲାନ୍ତି, ଚାକିରିରେ ସମ୍ମାନ, ପଦମର୍ଯ୍ୟାଦା ବୃଦ୍ଧି, ଗୃହ ବିବାଦ ଲାଗିପାରେ, ମାମଲାରେ ଫାଇଦା।

**ମିଥୁନ**: ପାରିବାରିକ ସଦ୍ଭାବ ବୃଦ୍ଧି, ବନ୍ଧୁଙ୍କ ସାହାଯ୍ୟ, ଗବେଷଣାରେ ଅଗ୍ରଗତି, ଭ୍ରମଣହେତୁକ କ୍ଲାନ୍ତି, ପରୋକ୍ଷ ଶତ୍ରୁତା, ସହକର୍ମୀଙ୍କ ସହଯୋଗ, ବ୍ୟବସାୟିକ ଉନ୍ନତି, ଯାତ୍ରାରେ ବିଘ୍ନ।

**କର୍କଟ**: ଭାବପ୍ରବଣତା ବଢ଼ିବ, ଅଭାବର ସାମ୍ନା କରିବେ, ସହକର୍ମୀଙ୍କ ସାହାଯ୍ୟ, ଅଫିସରେ ଝଗଡ଼ା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ସାମାଜିକ ସମ୍ମାନ, ଆନୁଷ୍ଠାନିକ କାର୍ଯ୍ୟ, ସମସ୍ୟାର ସମାଧାନ, ଶୁଭଖବର ପ୍ରାପ୍ତି।

**ସିଂହ**: ସଫଳତା ପାଇବେ, ପାରିବାରିକ ସମର୍ଥନ, ସତ୍‌ସଙ୍ଗର ସାନ୍ନିଧ୍ୟ, ଧର୍ମକାର୍ଯ୍ୟ ପ୍ରତି ରୁଚି, ଲୋକସମ୍ପର୍କ ବଢ଼ିବ, ବ୍ୟବସାୟରୁ ଲାଭ, ପରିବହନରେ ସମସ୍ୟା, ରୋଗପୀଡ଼ାରୁ ଦୁଃଖ।

**କନ୍ୟା**: ମାନସିକ ଦ୍ୱନ୍ଦ୍ୱ, କାର୍ଯ୍ୟସାଧନରେ ବିଳମ୍ବ, ଯାନବାହନରେ ତ୍ରୁଟି, ନିର୍ମାଣରେ ସମସ୍ୟା, ବିବାଦରୁ ଅଶାନ୍ତି, ଶତ୍ରୁତାର ଅବସାନ, ଦୂରଯାତ୍ରାରେ ସମସ୍ୟା, ପ୍ରକାଶନରେ ଦ୍ୱନ୍ଦ୍ୱ।

**ତୁଳା**: ଶୁଭଖବର ପ୍ରାପ୍ତି, ବନ୍ଧୁମିଳନ, ଖୁସିର ଆସର, ପଡ଼ୋଶୀଙ୍କ ଅନୁରକ୍ତି, ଆଶାନୁରୂପ ଫଳ, ସତ୍ୟପ୍ରକାଶରୁ କଳହ, ସରକାରୀ ସହାୟତା, ବ୍ୟବସାୟରେ ଉନ୍ନତି, ପାରିବାରିକ ସୌଖ୍ୟ, ରୋଗ ଉପଶମ, ମାମଲାରେ ଫାଇଦା।

**ବିଛା**: ବନ୍ଧୁସମ୍ପର୍କ ବଢ଼ିବ, ବିପଦମୁକ୍ତ ହେବେ, ବିତର୍କରୁ ମତାନ୍ତର, ଭ୍ରାତୃପ୍ରୀତି ବୃଦ୍ଧି, ସନ୍ତାନହେତୁକ ଦୁଶ୍ଚିନ୍ତା, ଭାରାକ୍ରାନ୍ତ ମନ, ଉଚ୍ଚବର୍ଗଙ୍କ ସମାଲୋଚନା, ରଚନାତ୍ମକ କାମରୁ ପ୍ରଶଂସା, ଆର୍ଥିକ ସ୍ୱଚ୍ଛଳତା, ପ୍ରିୟ ବନ୍ଧୁଙ୍କ ସାନ୍ନିଧ୍ୟ, ଇଚ୍ଛା ବିରୋଧରେ କାମ, ଅବହେଳିତ କାର୍ଯ୍ୟ।

**ଧନୁ**: ହାତ ଖାଲି ରହିବ, ବନ୍ଧୁଙ୍କ ଅଭିମାନ, ପଡ଼ୋଶୀଙ୍କ କ୍ରୋଧ, କାମରେ ପ୍ରତିବନ୍ଧକ, ନିଜ ଲୋକଙ୍କ ବିଶ୍ୱାସଘାତକତା, କରଜ କରିବାକୁ ପଡ଼ିବ, ଭୁଲ୍ ବୁଝାମଣାରୁ କଳହ, ବାଣିଜ୍ୟରେ ପ୍ରତିବନ୍ଧକ, ଈଶ୍ୱରାନୁରାଗ, ଶୁଣାକଥାରୁ ବିସ୍ମୟ।

**ମକର**: ମିତ୍ରତା ବଢ଼ିବ, ଆର୍ଥିକ ଅନଟନରୁ ମୁକ୍ତି, ସ୍ୱାସ୍ଥ୍ୟ ସଚେତନତାରୁ ପ୍ରଶଂସା, ସରକାରୀ କ୍ଷେତ୍ରରୁ ଲାଭ, ଧର୍ମଚର୍ଚ୍ଚା ପ୍ରତି ମନ, ସୁଯୋଗ ପାଇବେ, ଆଶାପୂରଣ ହେବ, ପ୍ରଶାସନିକ ନିଷ୍ପତ୍ତି, ପାରିବାରିକ ବିତର୍କ, ଆକସ୍ମିକ ଯାତ୍ରା, ବିବାଦର ସମାଧାନ।

**କୁମ୍ଭ**: ନିୟନ୍ତ୍ରିତ ସ୍ୱାସ୍ଥ୍ୟସମସ୍ୟା, ଆର୍ଥିକ ସାହାଯ୍ୟ ପ୍ରାପ୍ତି, ପାରିବାରିକ ସଦ୍ଭାବ, ଫଳପ୍ରଦ ଆଲୋଚନା, ବୁଝାମଣାରୁ ସୁଫଳ, ନୂତନ ସମ୍ପର୍କ, ଆନୁଷ୍ଠାନିକ କାର୍ଯ୍ୟ, ବ୍ୟୟ ବୃଦ୍ଧି, ଗୁରୁଜନଙ୍କ ପରାମର୍ଶ, ବ୍ୟବସାୟରେ ସମସ୍ୟା, ଆଇନ ସହାୟତା।

**ମୀନ**: ଧୈର୍ଯ୍ୟବାନ୍ ହେବେ, ମନୋବଳ ବଢ଼ିବ, ସୁବାର୍ତ୍ତା ପାଇବେ, ସରକାରୀ ସାହାଯ୍ୟ, ଜନକଲ୍ୟାଣ କର୍ମ, ପ୍ରୋତ୍ସାହନ ପାଇବେ, ପାରିବାରିକ ଅଶାନ୍ତି, ସେବା ଓ ପରୋପକାର, ଦୂରଯାତ୍ରାର ମସୁଧା, ଆନୁଷ୍ଠାନିକ କାମ।

# ପେଟରେ ତରଭୁଜ କାଟି ରେକର୍ଡ

ଏମିତି ଲୋକ ଅଛନ୍ତି ଯେଉଁମାନେ ଭିଡ଼ ଭିତରୁ ବାହାରିଯାଇ ଅଲଗା କିଛି କରିବା ପାଇଁ ଚାହାନ୍ତି। ସେଥିପାଇଁ ସେମାନଙ୍କୁ ବେଳେବେଳେ ଅନେକ ମୂଲ୍ୟ ଦବାକୁ ପଡ଼ିଥାଏ ସତ; ହେଲେ ସେମାନେ ତାହା ହିଁ କରିଥାନ୍ତି। ତାହାକୁ ଆମେ ରେକର୍ଡ ବୋଲି କହୁ। ସେମିତି ଜଣେ ମଣିଷ ହେଉଛନ୍ତି ଆଶ୍ରିଟା ଫରମ୍ୟାନ୍। ଆଶ୍ରିଟା ଫରମ୍ୟାନ୍‌ଙ୍କର ମୂଳରୁ ଲକ୍ଷ୍ୟ ଥିଲା ବଡ଼ ହୋଇ ସେ କିଛି ନା କିଛି କରିବେ, ଯଦ୍ଦ୍ୱାରା ତାଙ୍କର ନାମ ଗିନିଜ୍ ୱାର୍ଲଡ ରେକର୍ଡ଼ରେ ସ୍ଥାନ ପାଇବ। ଫରମ୍ୟାନ୍ ମୂଳରୁ ଥିଲେ ଜଣେ ଦୁଃସାହସୀ ଯୁବକ। ଅନେକ ଭାବିବା ପରେ ଶେଷକୁ ସେ ନିଷ୍ପତ୍ତି ନେଲେ ଯେ, ନିଜର ପେଟ ଉପରେ ତରଭୁଜ ରଖି ତାହାକୁ ତୀକ୍ଷ୍ଣ ଅସ୍ତ୍ରରେ କାଟିବେ। ବାସ୍, ତାହାର ଅଭ୍ୟାସ ଆରମ୍ଭ କରିଦେଲେ। ପ୍ରଥମେ ପ୍ରଥମେ ତ ଆଦୌ ହେଉ ନ ଥିଲା। ପେଟରେ ଅସ୍ତ୍ର ବାଜି ଖଣ୍ଡିଆଖାବରା ହୋଇଯାଉଥିଲେ। କାରଣ ତାଙ୍କର ଅସ୍ତ୍ର ଚଳେଇବାର ସନ୍ତୁଳନ ଆସି ନଥିଲା। ଫଳରେ ତରଭୁଜ କାଟୁକାଟୁ କେତେବେଳେ ପେଟକୁ ମଧ୍ୟ କାଟି ପକାଉଥିଲେ। ମେଡ଼ିକାଲରେ ପଡୁଥିଲେ। ତା' ସତ୍ତ୍ୱେ ସେ ନିଜ ଲକ୍ଷ୍ୟରୁ ଓହରି ଯାଉ ନଥିଲେ। ମେଡିକାଲରୁ ସୁସ୍ଥ ହୋଇ ଆସି ପୁଣି ପେଟ ଉପରେ ତରଭୁଜ କାଟିବାର ଅଭ୍ୟାସ କରୁଥିଲେ। ଫରମ୍ୟାନ୍‌ଙ୍କ କହିବା ଅନୁଯାୟୀ, ଠିକ୍ ଭାବରେ ସନ୍ତୁଳନ ଅଭ୍ୟାସ କରିବାକୁ ତାଙ୍କୁ ପାଖାପାଖି ଦଶବର୍ଷ ଅଭ୍ୟାସ କରିବାକୁ ପଡ଼ିଥିଲା। ତା'ପରେ ଯାଇ ସେ ରେକର୍ଡ କରିବାକୁ ସଫଳ ହୋଇଥିଲେ।



# ପାଠକୀୟ

■ ଖରାଦିନ ଆସିଲେ ପାଣି ଚିନ୍ତା ଅଥୟ କରେ। ଚାଷବାସ ତ ଦୂରର କଥା, ପିଇବା ପାଣି ପାଇଁ ସମସ୍ତେ ତହଳବିକଳ। ଏମିତି ସମସ୍ୟାକୁ ବାରବାର ସାମ୍ନା କରୁଥିବା ଏହି ଲୋକମାନେ କାହାକୁ ଅପେକ୍ଷା ନ କରି ସମାଧାନର ବାଟ ଖୋଜିଲେ, ନିଜ ପାଇଁ ନିଜେ ଅଣ୍ଟା ଭିଡ଼ିଲେ। କେଉଁଠି ବର୍ଷାଜଳ ସଂରକ୍ଷଣ କଲେ ତ କେଉଁଠି ଝରଣାକୁ ନେଇ ଆସିଲେ ଗାଁକୁ। ତେଣୁ ଏହି ପାଣି ସମସ୍ୟାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଏକ ଉପାଦେୟ ଆଲେଖ୍ୟ ଥିଲା। 'ବାସ୍ତୁ ଅନୁଯାୟୀ ଘରର ରଙ୍ଗ', 'ଉପକାରୀ ପିଆଜ' ଆଦି ପାଠଗୁଡ଼ିକରୁ ଅନେକ ନୂଆ କଥା ଜାଣିହେଲା।

*– ଦମୟନ୍ତୀ ସେନା, ଅସୁରାଳି, ଭଦ୍ରକ*

■ ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ପାଣି ପାଇଁ' ଏକ ସମୟୋପଯୋଗୀ ତଥା ଉପକାରୀ ଆଲେଖ୍ୟ ଥିଲା। 'ଟ୍ରାଭେଲ୍ ଟାଟୁ' ପାଠଟିରୁ ଫ୍ୟାଶନର ଏକ ନୂଆ ଟ୍ରେଣ୍ଡ ସମ୍ପର୍କରେ ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରସିଦ୍ଧ ଚାରି ବୋହେମିଆନ୍ ଲେଖକଙ୍କ ଜୀବନୀ ସମ୍ପର୍କରେ ଅନେକ କିଛି ଅଜଣା ତଥ୍ୟ ଜାଣିବାକୁ ମିଳିବାରୁ ଖୁସି ଲାଗିଲା। ସେହିପରି ସୃଜନ ପୃଷ୍ଠାରୁ 'କିଛି ଦୂରତା ଏମିତି' ନାମକ ଗପଟି ପଢିଲି, ଏହା ମୋ ମନକୁ ବେଶ୍ ଛୁଇଁଗଲା। ଅନ୍ୟପକ୍ଷେ ସିନେମା ପୃଷ୍ଠାରୁ ସେଲିବ୍ରିଟିମାନଙ୍କର ଜୀବନୀ ସମ୍ପର୍କରେ ଅନେକ ମଜାଦାର୍ କଥା ଜାଣିବାକୁ ମିଳିବାରୁ ଖୁସି ଲାଗିଲା।

*–କ୍ରିତି ଗୋସ୍ୱାମୀ, ଭବାନୀପାଟଣା*

■ ପ୍ରଥମ ରୋଜଗାର ସ୍ତମ୍ଭରୁ ଚିତ୍ରଶିଳ୍ପୀ ତଥା ଲେଖିକା ସ୍ନିଗ୍ଧା ସାହୁଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢିଲି, ବେଶ୍ ମନଛୁଆଁ ହୋଇଥିଲା ଏହି ଆଲେଖ୍ୟଟି। ସାଥୀର ଉତ୍ତରଗୁଡ଼ିକ ବି ଖୁବ୍ ରୋମାଣ୍ଟିକ୍ ଲାଗୁଥିଲା। 'ନାଟକ ମଣିଷ' ପାଠଟିରୁ ବିଶିଷ୍ଟ ନାଟ୍ୟକାର ସୁବୋଧ ପଟ୍ଟନାୟକଙ୍କ ନାଟ୍ୟ ଜୀବନୀ ସମ୍ପର୍କରେ ଅନେକ ଅଜଣା କଥା ଜାଣିହେଲା। ବନ୍ଦର ସହର ଥୁଥୁକୁଡ଼ି ସମ୍ପର୍କରେ ସହର ପୃଷ୍ଠାରୁ ପଢ଼ିବାକୁ ମିଳିବାରୁ ଖୁସି ଲାଗିଲା।

*–ଜୟନ୍ତୀ ରଥ, ଝାରସୁଗୁଡ଼ା*

■ ମଡେଲ୍ ମିରର୍‌ରେ ସସ୍ମିତା ବେଶ୍ ସୁନ୍ଦରୀ ଲାଗୁଥିଲେ। ହାଃ ହାଃ ବି ଖୁବ୍ ମଜାଦାର୍ ହୋଇପାରୁଛି। ବିବିଧା ପୃଷ୍ଠାରେ ସ୍ଥାନିତ 'କଟା ଯାଇଥିବା ଦୁଇ ହାତ ପାଇଲା ନୂଆ ଜୀବନ' ପାଠଟି ସତରେ ଏକ ଆଶ୍ଚର୍ଯ୍ୟକର ବିଷୟ ଥିଲା। କାର୍ଟୁନ କର୍ନର ବି ଭାରି ମଜାଦାର୍ ହୋଇପାରୁଛି।

*–ସ୍ୱପ୍ନା ଷଡ଼ଙ୍ଗୀ, ଯାଜପୁର ଟାଉନ୍*

■ ଏଥରର ଛୁଟିଦିନରେ ପ୍ରକାଶ ପାଇଥିବା ଯାତ୍ରା ସମ୍ପର୍କିତ ପାଠଗୁଡ଼ିକ ଭାରି ତଥ୍ୟପୂର୍ଣ୍ଣ ହୋଇଥିଲା। ଏପରିକି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ 'ଏକାସାଙ୍ଗରେ ଦୁଇ ହାତରେ କରନ୍ତି ପେଣ୍ଟିଂ', 'ଚାଣ୍ଡେଲିୟର୍ ୱେଡିଂ କେକ୍' ଏବଂ 'ରବର୍ ଡକ୍‌ରୁ ସୁପରହିରୋ' ଆଦି ପାଠଗୁଡ଼ିକ ବି ବେଶ୍ ଆଶ୍ଚର୍ଯ୍ୟକର ଲାଗୁଥିଲା।

*–ମୋନାଲିସା ପାତ୍ର, ବାଲେଶ୍ୱର*



## ବିଶେଷ ଚିଠି

ଛୁଟିଦିନ ତୁମ ରୂପ, ରଙ୍ଗ, ଲେଖା
ସତରେ ବର୍ଣ୍ଣନାତୀତ,
ରବିବାରେ ଯେବେ ହୁଅ ହସ୍ତଗତ
ମନ ହୁଏ ପୁଲକିତ।
ପ୍ରଚ୍ଛଦ ପ୍ରସଙ୍ଗ କାର୍ଟୁନରେ ବ୍ୟଙ୍ଗ
ମନୋରମ ଅନୁପମ,
ପତ୍ରିକା ନନ୍ଦନକାନନେ ତୁମେ ହିଁ
ପାରିଜାତ ପୁଷ୍ପସମ।

*–ଡ. ଶରତ କୁମାର ଚଉଁରୀ,*
*ମଙ୍ଗଳପୁର, ପିପିଲି, ପୁରୀ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# ବିଶ୍ୱ ବିଭୀଷିକା

## ତଥାପି ଥମିନି ପାଦ

ମାନବ ସଭ୍ୟତା ଯେତିକି ଆଗେଇଛି, ମହାମାରୀ ତଥା ମହାବ୍ୟାଧି ସବୁ ସେତିକି ସେତିକି ଆଗକୁ ଆଗେଇଛନ୍ତି। ମହାମାରୀ ମଣିଷ ସଭ୍ୟତାକୁ କିଛି ପାଦ ପଛକୁ ଫେରେଇ ଆଣିଛି। ଗୋଟିଏ ଗୋଟିଏ ସଭ୍ୟତାକୁ ଜିଭ ଲଗେଇ ଚାଟି ନେଇଛି। ଅତଏବ ବିଧ୍ୱସ୍ତ ମଣିଷମାନଙ୍କ ଆଖିର ଲୁହରେ ଭିଜିଯାଇଛି ବିଶ୍ୱ ଇତିହାସର ପୃଷ୍ଠା। ଶୁଣିବାକୁ ହୁଏତ ଅବିଶ୍ୱସନୀୟ ମନେହୋଇପାରେ। ମାତ୍ର ଗୋଟିଏ ଗୋଟିଏ ମହାମାରୀରେ ମୂଳପୋଛ ହୋଇଯାଇଛି ଗୋଟିଏ ଗୋଟିଏ ବିକଶିତ ସଭ୍ୟତା। ତା'ସତ୍ତ୍ୱେ ମଣିଷର ପାଦ ଅଟକିନି। ତାହା ଆଗକୁ ବଢ଼ିଛି। ଆଉ ବଢ଼ିବ ମଧ୍ୟ। ଆଜି କରୋନା କବଳିତ ବିଶ୍ୱର ମଣିଷମାନଙ୍କ ପାଇଁ ସେହି ଇତିହାସ ସବୁ ହୁଏତ ହେଇପାରେ ଆତ୍ମସମୀକ୍ଷାର ବିଷୟ... ...

**ଚାଇନାର ମହାମାରୀ :** ଆଜିକୁ ପ୍ରାୟ ପାଞ୍ଚ ହଜାର ବର୍ଷ ପୂର୍ବେ ଦେଖା ଦେଇଥିଲା ଏକ ଭୟାବହ ମହାମାରୀ ; ଯାହା ଚାଇନାର ଏକାଧିକ ପ୍ରାକ୍‌-ଐତିହାସିକ ଗ୍ରାମକୁ ଜିଭ ଲଗେଇ ଚାଟି ନେଇଥିଲା। ମହାମାରୀର ପ୍ରକୋପ ଏତେ ତୀବ୍ର ଥିଲା ଯେ, ଲୋକମାନେ ନିରାକରଣ କଥା ଭାବିବାକୁ ବି ସମୟ ପାଇ ନଥିଲେ। ଘର ଭିତରେ ଗଦା ହୋଇ ଯାଇଥିଲା କୁଢ଼କୁଢ଼ ଶବ। ମୃତକଙ୍କ ମଧ୍ୟରେ ସାମିଲ୍‌ ଥିଲେ ଛୋଟପିଲା, ଯୁବକ, ବୃଦ୍ଧ, ବିବାହିତା ମହିଳା। ପରିସ୍ଥିତି ଏମିତି ହୋଇଥିଲା ପୋଡ଼ିବାକୁ କିମ୍ବା ପୋତିବାକୁ କେହି ଜଣେ ବି ଅବଶିଷ୍ଟ ରହି ନଥିଲେ। ଘର ସବୁ ଭୁଶୁଡ଼ି ପଡ଼ିଥିଲା। ଆଉ ତା'ରି ଭିତରେ କଙ୍କାଳ ସବୁ ପୋତି ହୋଇ ପଡ଼ିଥିଲା।

**ବ୍ଲାକ୍‌ଡେଥ୍‌ :** ଏହାକୁ କେହିକେହି 'ଗ୍ରେଟ୍‌ ପ୍ଲେଗ୍‌' ପୁଣି କେହିକେହି 'ଗ୍ରେଟ୍‌ ମୋର୍ଟାଲିଟି' ବୋଲି ମଧ୍ୟ କହିଥାନ୍ତି। ଏହାକୁ ମାନବ ଇତିହାସର ସବୁଠାରୁ ବିଧ୍ୱସ୍ତକାରୀ ମହାମାରୀ ବୋଲି ମଧ୍ୟ କୁହାଯାଇଥାଏ। ଏସିଆ, ଆଫ୍ରିକା ଏବଂ ୟୁରୋପ୍‌ ତିନୋଟି ମହାଦେଶରେ ଏହି ମହାମାରୀ ଧ୍ୱଂସର ତାଣ୍ଡବ ରଚିଥିଲା। ଏହା ୧୩୪୭ରେ ଆରମ୍ଭ ହୋଇ ୧୩୫୧ ଯାଏ ମୃତ୍ୟୁଲୀଳା ଖେଳେଇଥିଲା। ଏଥିରେ ୨୦ କୋଟିରୁ ଅଧିକ ଲୋକ ପୋକମାଛି ପରି ମୃତ୍ୟୁବରଣ କରିଥିଲେ। ଯେଉଁ ବ୍ୟାକ୍ଟେରିଆ ଦ୍ୱାରା ଏହି ମହାମାରୀ ବ୍ୟାପିଥିଲା ତାହାର ନାମ ଥିଲା 'ୟେରସିନିଆ ପେଷ୍ଟିସ୍‌'। କଳା ମୂଷାପଲ ଥିଲେ ଏହି ଜୀବାଣୁ ବାହକ। ଏସିଆ ମହାଦେଶର ମଧ୍ୟସ୍ଥଳରେ ରହୁଥିବା କଳାମୂଷାଙ୍କ ଦେହରେ ସୃଷ୍ଟି ହୋଇଥିଲେ ଏହି ଜୀବାଣୁ। ଜିନୁଆର ବଣିକମାନଙ୍କ ଜାହାଜରେ କଳାମୂଷା ପଲ ଭୂମଧ୍ୟସାଗର ବାଟ ଦେଇ ସମଗ୍ର ୟୁରୋପ୍‌ରେ ଖେଳି ଯାଇଥିଲେ। ଏହି ମହାମାରୀ ବିଶ୍ୱର ଧର୍ମ, ସାମାଜିକତା, ଅର୍ଥନୀତିରେ ସୃଷ୍ଟି କରିଥିଲା ଘୋର ସଙ୍କଟ। ୟୁରୋପର ଇତିହାସକୁ ବିଧ୍ୱସ୍ତ କରିଦେଇଥିଲା ଏହି ମହାମାରୀ। ପୁଣିଥରେ ପୂର୍ବାବସ୍ଥାକୁ ଆସିବା ପାଇଁ ୟୁରୋପୀୟମାନଙ୍କୁ ଲାଗିଯାଇଥିଲା ୨୦୦ ବର୍ଷରୁ ଅଧିକ ସମୟ। ମୃତକମାନଙ୍କୁ ଗଣସମାଧି ଦିଆଯିବା ବ୍ୟତୀତ ଅନ୍ୟ ଉପାୟ ନ ଥିଲା।

**ପ୍ଲେଗ୍‌ ଅଫ୍‌ ଏଥେନ୍ସ :** ଖ୍ରୀଷ୍ଟପୂର୍ବ ୪୩୦। ଏଥେନ୍ସ ଏବଂ ସ୍ପାର୍ଟା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଥାଏ। ବାସ୍‌, ଆରମ୍ଭ ହୋଇଗଲା ମହାମାରୀ। ଏହି ମହାମାରୀର ଆୟୁଷ ଥିଲା ଦୀର୍ଘ ପାଞ୍ଚବର୍ଷ। ଏକଲକ୍ଷରୁ ବହୁ ଅଧିକ ଲୋକ ମୃତ୍ୟୁବରଣ କରିଥିଲେ। ପ୍ରସିଦ୍ଧ ଗ୍ରୀକ୍‌ ଐତିହାସିକ ଥୁସାଇଡିଡେସ୍‌ଙ୍କ ପୁସ୍ତକ 'ଦି ହିଷ୍ଟ୍ରି ଅଫ୍‌ ଦି ପିଲୋ-ପୋନେସିଆନ୍‌ ୱାର' ପୁସ୍ତକରେ ଏହାର ରହିଛି ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା। ଥୁସାଇଡିଡେସ୍‌ ମହାମାରୀର ଭୟାବହତା ସମ୍ପର୍କରେ ଦର୍ଶାଇବାକୁ ଯାଇ ଉଲ୍ଲେଖ କରିଛନ୍ତି : 'ଘମାଘୋଟ ଯୁଦ୍ଧ ଲାଗିବା ସତ୍ତ୍ୱେ ଲୋକମାନେ ଠିକ୍‌ଠାକ୍‌ ଥିଲେ। ସୁସ୍ଥ ଥିଲେ। ନୀରୋଗ ଥିଲେ। ହଠାତ୍‌ ମାଡ଼ି ଆସିଲା ମହାମାରୀ। ଲୋକଙ୍କ ମୁଣ୍ଡରେ ପ୍ରବଳ ଯନ୍ତ୍ରଣା ହେଲା। ଆଖି ନାଲି ପଡ଼ିଗଲା। ଖୁଣ୍ଟି ରଗଡ଼ି ହେଲା। ଶରୀର ଭିତରଟା ଜଳିବାକୁ ଲାଗିଲା। ତଣ୍ଟି କୁଣ୍ଡେଇହେଲା। ଜିଭ ଭିତରକୁ ଟାଣି ହୋଇଗଲା। ଲୋକମାନେ ଆଁ କଲେ ତ ପାଟିରୁ ରକ୍ତ ପଡ଼ିଲା। ନାକବାଟ ଦେଇ ରକ୍ତ ଝରିଲା। ନିଃଶ୍ୱାସ ବନ୍ଦ ହୋଇଗଲା। ରୋଗୀକୁ ବଇଦ ନିକଟକୁ ନେବା ପାଇଁ ତର ମିଳିଲା ନାହିଁ।' ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମହାମାରୀର କାରଣ, ବାହକ ତଥା ସୃଷ୍ଟିର ଉତ୍ସ ସମ୍ପର୍କରେ ଆଜିଯାଏ ବି ଗବେଷକମାନେ ଠୋସ କରି କିଛି କହିପାରୁ ନାହାନ୍ତି। ଏହି ମହାମାରୀ ଟାଇଫଏଡ ତଥା ଇବୋଲାର ଏକ ମିଳିତ ରୂପ ହୋଇପାରେ ବୋଲି କେବଳ କଳ୍ପନା କରାଯାଉଛି।


**କୋକୋ ଲିଜ୍‌ଲି ଏପିଡେମିକ୍‌ :** ଏହା ହେଉଛି ଏକ 'ଭାଇରାଲ୍‌ ହେମୋରେଜିକ୍‌ ଫିଭର'। ଷୋଡ଼ଶ ଶତାବ୍ଦୀର ମଧ୍ୟଭାଗରେ ହିଁ ଏହି ମହାମାରୀ ହାହାକାର ରଚିଥିଲା ମେକ୍ସିକୋ ଏବଂ ସେଣ୍ଟ୍ରାଲ୍‌ ଆମେରିକାରେ। ଏଥିରେ ଦେଢ଼କୋଟିରୁ ଅଧିକ ଲୋକ ପ୍ରାଣ ହରେଇଥିଲେ। ଏହାକୁ ସେତେବେଳେ ନିରାକରଣ ନଥିବା ଏକ ଭୟଙ୍କର ବିପର୍ଯ୍ୟୟ ବୋଲି ଆଖ୍ୟା ଦିଆଯାଇଥିଲା। ଏହି ମହାମାରୀକୁ ନେଇ ଏବେ ମଧ୍ୟ କାରଣ ଖୋଜା ଚାଲିଛି। ମୃତକଙ୍କ ଡିଏନ୍‌ଏ ପରୀକ୍ଷାରୁ ଲୋକମାନେ 'ଏସ୍‌.ପାରାଟାଇଫି ସି' ନାମକ ଏକ ବ୍ୟାକ୍ଟେରିଆ ଦ୍ୱାରା ଆକ୍ରାନ୍ତ ହୋଇଥିବା ଅନୁମାନ କରାଯାଉଛି। ଏହି ମହାମାରୀରେ ପୀଡ଼ିତ ଲୋକମାନଙ୍କୁ ପ୍ରଥମେ ଜ୍ୱର ହେଉଥିଲା। ସଙ୍ଗେସଙ୍ଗେ ଜ୍ୱରର ଉତ୍ତାପ ବହୁଗୁଣ ବଢ଼ି ଯାଉଥିଲା। ପରେ ପରେ ଜ୍ୱର ମୁଣ୍ଡକୁ ଉଠି ଯାଉଥିଲା। ତା'ପରେ ମୃତ୍ୟୁ। କହିବା ନିଷ୍ପ୍ରୟୋଜନ, ସେତେବେଳେ 'ଜ୍ୱର' ଶବ୍ଦଟି ଏକ କୋକୁଆ ଭୟ ସୃଷ୍ଟି କରିଥିଲା ମେକ୍ସିକୋ ତଥା କେନ୍ଦ୍ର ଆମେରିକାର ଲୋକଙ୍କ ମଧ୍ୟରେ।

**ପ୍ଲେଗ୍‌ ଅଫ୍‌ ଜଷ୍ଟିନିଆ :** ବାଇଜାଇଣ୍ଟାଇନ୍‌ ବା ପୂର୍ବ ରୋମାନ୍‌ ସାମ୍ରାଜ୍ୟରେ ଭୟାବହତା ସୃଷ୍ଟି କରିଥିବା ମହାମାରୀକୁ ହିଁ 'ପ୍ଲେଗ୍‌ ଅଫ୍‌ ଜଷ୍ଟିନିଆ' କୁହାଯାଉଛି। ୫୪୧(କମନ୍‌ ଏରା)ରେ ଏହି ମହାମାରୀ ରୋମ୍‌ ସାମ୍ରାଜ୍ୟରେ ମୃତ୍ୟୁର ଶୀତଳ ଲହରି ଖେଳେଇ ଦେଇଥିଲା। ଏକ ଆକଳନ ଅନୁଯାୟୀ ୩ କୋଟିରୁ ୫ କୋଟି ଲୋକଙ୍କର ପ୍ରାଣହାନି ଘଟିଥିଲା। କନ୍‌ଷ୍ଟାଣ୍ଟିନୋପଲ୍‌କୁ ଏହା ପ୍ରାୟତଃ ଧ୍ୱଂସ କରିଦେଇଥିଲା। ସେତିକିରେ ଥମି ନଥିଲା ଏହି ମହାମାରୀ। ବଣନିଆଁ ପରି ଏହା ହୁ ହୁ ହୋଇ ବ୍ୟାପି ଯାଇଥିଲା ୟୁରୋପ୍‌ରୁ ଏସିଆ, ପୁଣି ଉତ୍ତର ଆଫ୍ରିକାରୁ ଆରବ ଦେଶଯାଏ। ଏ ବିଶ୍ୱମହାମାରୀ ସମ୍ପର୍କରେ ଜାଣିବାକୁ ମିଳେ ଡି'ପଲ ୟୁନିଭର୍ସିଟିର ଐତିହାସିକ ଥମାସ୍‌ ମକାଇଟିସ୍‌ଙ୍କ ରଚିତ ଗ୍ରନ୍ଥରୁ। ଏହି ମହାମାରୀ ଏମିତି ଭୟ ସୃଷ୍ଟି କରିଥିଲା ଯେ, ଲୋକମାନେ ଲୋକମାନଙ୍କୁ ଦେଖି ଡରିବାକୁ ଲାଗିଥିଲେ। ବଞ୍ଚିବା ଶବ୍ଦ ଲୋକମାନଙ୍କ ମୁହଁରୁ ହଜି ଯାଇଥିଲା। ଥମାସ୍‌ଙ୍କ ମତରେ ଏହି ମହାମାରୀର ଭୟାବହତା ଏପରି ଥିଲା ଯେ, ମରିବାକୁ ବି ଆଉ ଜଣେ ବୋଲି ଲୋକ ବାକି ନଥିଲେ। ଥମାସ୍‌ଙ୍କ ଅବିକଳ ଭାଷାରେ- No One Left to Die।

ଏହା ହେଉଛି ବିଶ୍ୱ ମହାମାରୀର ଏକ ସଂକ୍ଷିପ୍ତ ଇତିହାସ। ଏବେ ଏହି ଇତିହାସ ପୃଷ୍ଠାରେ ଯୋଡ଼ି ହୋଇଯାଇଛି ଏକ ନୂଆ ମହାମାରୀର ନାଁ। ତାହା ହେଉଛି କରୋନା। ମାତ୍ର ଇତିହାସ ସାକ୍ଷୀ, ମହାମାରୀ ମୃତ୍ୟୁର ତାଣ୍ଡବ ରଚିଛି ସିନା ; ମଣିଷର ଗତିକୁ ରୋକି ପାରିନାହିଁ କିମ୍ବା ଆଗକୁ ମଧ୍ୟ ରୋକିପାରିବ ନାହିଁ।







## ମୋକ୍ଷ

–ଚିନ୍ମୟ ବାରିକ

ମୋ ନିଃଶ୍ୱାସ ତୁମ ଆତ୍ମାର
ତାପରେ ମିଶି ସାରିବାପରେ,
ମୁଁ ମଞ୍ଜିହୋଇ ସାରିଥିଲି
ମିଞ୍ଜିମିଞ୍ଜିକା ତାରାଙ୍କ ଗହଣରେ ।।

କିନ୍ତୁ,
ଆକାଶ ସରିଯାଇ ଥିଲା
ପୃଥିବୀର ଗେରୁଆ ବସ୍ତ୍ରତଳେ ।

–ବ୍ରାହ୍ମଣଡିହି, ବାଲିକୁଦା, ଜଗତସିଂହପୁର



## ସଂପର୍କ

– ନଗେନ୍ଦ୍ର ନାଥ ପଟ୍ଟନାୟକ

ସମ୍ପର୍କର ଯନ୍ତ୍ରଣା
ରାତିସାରା ବହିଯାଉଛି
ଛମଛମ ଗତିରେ,ବୀରଦର୍ପରେ ।
ପୁନେଇଁ ଚାନ୍ଦକୁ ବୁଝିପାରି
ଲୁଚିଯାଉଛି ଚେହେରା
ରଜନୀର ହାଲୁକା ବାସ୍ନାରେ
ବିରହ–ବ୍ୟଥା ହେଉଛି ଉନ୍ମତ୍ତ ।
ବିଛେଦ ନ ହେବାକୁ କଥା ଦେଇ
କେଉଁଠି ଅନେଇ ଲୁଚିଛପି ଯାଉଛ
ଅସ୍ୱଚ୍ଛ ଓଢଣୀ ମୁଣ୍ଡରେ ଟାଣି
ଠିଆ କରେଇଛ ଦୁର୍ଭେଦ୍ୟ ପାଚେରୀ
ହୃଦୟର ବରାବର ସ୍ପନ୍ଦନ
ରୋମାଂଚ ଶୀହରଣର ଆକୁଳ ଆହ୍ୱାନ
ପାଗଳ ମଧୁପର ଗୁଂଜନ
ନଚାଉଥାଏ କୋହଭରା ଛାତିକୁ ।

–ଜଗମୋହନ ନଗର, ଜାଗମରା,
ଖଣ୍ଡଗିର, ଭୁବନେଶ୍ୱର,

## ତାନିଆ

– ପବିତ୍ର ବ୍ରହ୍ମପୁତ୍ର ନାୟକ

ମୁମ୍ବାଇରେ ଫଟୋଗ୍ରାଫିରେ କୋର୍ସ କରୁଥିଲା ବେଳେ ତାନିଆ ଥିଲା ମୋର ପ୍ରେମିକା। ଆମେ ଦିହେଁ ଦୁହିଁଙ୍କୁ ଖୁବ୍ ଭଲ ପାଉଥିଲୁ। କ୍ରମେ ପାଠ ପଢ଼ା ପରେ ବଦଳିଗଲା ଦିହିଁଙ୍କ ରାସ୍ତା। ତାନିଆ ସୁଟିଂରେ ମନୋନିବେଶ କଲା ଆଉ ମୁଁ ଫିଲ୍ମରେ। ତାନିଆ ଗୋଲ୍ଡ ମେଡାଲିଷ୍ଟ ହେଲା ସୁଟିଂରେ। ମୁଁ ବି ମୋର କଳା ପ୍ରଦର୍ଶନ କଲି ସିନେମାରେ। ଯା ଭିତରେ ବିତିଗଲା କିଛି ବର୍ଷ। ତାନିଆ ଆଉ ମୁଁ, ମୁଁ ଆଉ ତାନିଆ ହେଇଗଲୁ ପରସ୍ପରଠୁ ଅଲଗା। ତାର ଅନ୍ୟ ଏକ ପୁଅ ସହ ବିବାହ ହୋଇଗଲା। ମୋର ବି ମୋ ସହକର୍ମୀ ସୁନନ୍ଦାଙ୍କ ସହିତ ହୋଇଗଲା ବିବାହ। ଆମେ ପରସ୍ପରକୁ ଭୁଲିଗଲୁ ଘର ସଂସାର, କାର୍ଯ୍ୟ ବ୍ୟସ୍ତତା, ପିଲାଙ୍କ ଅଳି ଅର୍ଦ୍ଦଳି ଭିତରେ। ଭୁଲିବା ଏକ ସ୍ୱାଭାବିକ କଥା ବି। ୧୫ ମଇ ୨୦୧୨ର ଘଟଣା । ସୁନନ୍ଦାଙ୍କ ଭାଇ ରିସେପସନ୍ ପାଇଁ ଆମେ ଦିଲ୍ଲୀ ଯାଉଥାଉ, ସାଙ୍ଗରେ ଥାଏ ଆମ ଆଠ ବର୍ଷର ପୁଅ ଦିଲ୍ଲୀ ଏୟାରପୋର୍ଟରେ ଆମେ ପହଞ୍ଚିଲୁ। ସମୟ ରାତି ଆଠ। ପଛରୁ କେହିଜଣେ ଡ଼ାକିଲେ। ହ୍ୟାଲୋ ଅନିକେତ୍, ମୁଁ ତାନିଆ। ତମେ ତାନିଆ ପଟ୍ଟନାୟକ। ମୁଁ ଶୁଣିକି ନ ଶୁଣିଲା ପରି ଆଗକୁ ଚାଲି ଯାଉଥାଏ। କାହିଁକି ନା ମୁଁ ଚାହୁଁ ନଥାଏ ସୁନନ୍ଦା ଆଉ ମୋ ଭିତରେ କୌଣସି କଳହ ବସାବାନ୍ଧୁ। କେହି ଜଣେ ତାନିଆ ମୋ ଜୀବନରେ ଥିଲା, କାଇଁ ନାଇଁ ତ ମୁଁ ଜାଣି ଜାଣି ମନକୁ ବୋଧ ଦେଉଥିଲି। ୩୭ ବର୍ଷର ସେଇ ତାନିଆ ନଫେରୁ ଆଉ ମୋ ଜୀବନକୁ। ପୁଣି ଶୁଭିଲା ପଛରୁ ଧୋକାବାଜ୍ ଅନିକେତ୍, ଆରେ ଶୁଣ। ସେଦିନ ତମେ ମତେ ପ୍ରତାରିତ କରିଥିଲ ନା! ଯେଉଁଥିପାଇଁ ମୁଁ ଧରିଥିଲି ଆଉ ଜଣଙ୍କ ହାତ। ଆଉ ଆଜି ବି ଶୁଣୁନ। ହଉ ନଶୁଣ, ଅନିକେତ ବର୍ମା, ନଶୁଣ। ସବୁ ପୁଅ ଏମିତି ଧୋକାବାଜ, ପ୍ରତାରକ, ଛଳନାମୟ। କ୍ରମଶଃ ଏଇ କଥା କହିଲା ବେଳେ ତାର ସ୍ୱର ଧୀର ହୋଇ ସାରିଥିଲା। କେଇ ସେକେଣ୍ଡ ଭିତରେ ଆମେ କିଛି ଆକାଶ ଉଡ଼ି ସାରିଥିଲୁ। ତାନିଆକୁ ଝର୍କା କାଚରେ ମୁଁ ଲକ୍ଷ୍ୟ କରୁଥିଲି। ହଳଦୀ ଗୁରୁଗୁରୁ ଶାଢ଼ୀ ପିନ୍ଧି ସେ ସେମିତି ଚାହିଁ ରହିଥିଲା ଏରୋପ୍ଲେନକୁ। ସତେ ଯେପରି ଏକ ଖୁମ୍ବ ଶୋଭାପାଉଛି ଏୟାରପୋର୍ଟରେ। ଇଞ୍ଚେ ବି ଘୁଞ୍ଚି ନ ଥିଲା ସେ। ମୁଁ ମନେମନେ ଭାବୁଥିଲି ସତରେ କଣ ମୁଁ ତାନିଆକୁ ଧୋକା ଦେଇଥିଲି। ଆଉ ଯେଉଁ ତାନିଆକୁ ପ୍ରାଣଭରି ଦିନେ ଭଲ ପାଉଥିଲି ତା କଥା ନଶୁଣି କେମିତି ଚାଲି ଆସିଲି। ଭିତରେ ଭିତରେ ମୁଁ ଅନୁଭବ କରୁଥିଲି ସତରେ ମୁଁ ଅପରାଧ କରିଛି, ତାନିଆକୁ ନଶୁଣି । ପୁଣି ଭାବୁଥିଲି ତାନିଆ ତ କେବେଠାରୁ ଗଲାଣି ଜୀବନରୁ ତାକୁ ଭାବି ଲାଭ କ'ଣ। ତାଛଡ଼ା ସୁନନ୍ଦା ଭିତରେ ତ ମୁଁ ଅନେକ କିଛି ପାଇଛି। ଏମିତି କଉ ଗୁଣରେ ସୁନନ୍ଦା କମ୍ କି ତାନିଆଠୁ।

– ରାଜନଗର, କେନ୍ଦ୍ରାପଡ଼ା

## ଓଠ

ଗଗନ ବିହାରୀ ନାୟକ

ତୁମ ଓଠରୁ ସୁଧା ଝରେ।
ମୁଖରେ ଚାନ୍ଦିନୀର ଜୋସ୍ନା
ଓଠୁ ଝରା ଭାଷା ପ୍ରେମର ଇଙ୍ଗିତେ–
ବଢାଏ ପ୍ରେମର ତୃଷ୍ଣା ।
ଓଠ ତୁମ କଥା କହେ ଚୁପି ଚୁପି....
ଅଳସୀ ରାତିର ଶେଜେ ।
ପ୍ରିୟାର ଚୁମ୍ବନ ଶିହରଣ ଭରେ ....
ପ୍ରୀତି ଜୋଛନାରେ ଭିଜେ ।
ଚୋରା ଚାହାଣୀର ମାଦକତା କଥା–
କହେ ତୁମ ଓଠ ଧାର ।
ସଜେଇ ରଖିଛ କେତେ ଜନମର–
ମଧୁ ପିରତୀ ସମ୍ଭାର ।
ଓଠ ତଳେ କେତେ ସାଇତା ସ୍ୱପ୍ନକୁ–
କହିବାକୁ ଇଚ୍ଛା ତୁମ ।
ସେଇ ଓଠେ ତୁମେ ଆଙ୍କି ଦିଅ ଚିହ୍ନ–
ରହେ ସଦା ଅମଳିନ ।
ଆକର୍ଷଣ ତୁମ ଓଠର ଏମିତି....
ରହିହୁଏ ନାହିଁ ଏକା ।
ତୁମ ଓଠଭାଷା ଶୁଣିବାକୁ ମିଠା–
ଇଚ୍ଛା ହୁଏ ତୁମ ଦେଖା ।
ଦରଦୀ ଓଠର ଯେତେ ଲେଖା କଥା–
ପଢିବାକୁ ଇଚ୍ଛା ଯେବେ ।
ମନର ଭାଷା ତା' ମନରେ ରହେନା–
ଖୋଲି କହିଦିଏ କେବେ ।
ମନ ତଳ କଥା କହେ ଯେବେ ଓଠ–
ବୁଝେ ଯେ ପ୍ରେମିକ ଏକା ।
ନ ବୁଝିପାରିଲେ ସେ ଭାଷାର ଅର୍ଥ–
ନୁହେଁ ସେ ପ୍ରେମିକେ ଲେଖା।

–ବିଡିଏ କଲୋନୀ, ଚନ୍ଦ୍ରଶେଖର ପୁର,
ଭୁବନେଶ୍ୱର–୧୬





# ପଢ଼ାପଢ଼ିରେ ବ୍ୟସ୍ତ



କରୀନା

କ୍ରିତି ସାନନ୍ ଏବେ କ'ଣ କରୁଛନ୍ତି ? ଶୁଟିଂ ତ ନାହିଁ। ତେଣୁ ଘରେ ହିଁ ରହିବାକୁ ପଡୁଛି। କ'ଣ ବା କରିବେ ? ବିଭିନ୍ନ ଭଲ ଭଲ ବହି ପଢୁଛନ୍ତି ସେ। ନାମୀ ଲେଖକଙ୍କ ବହିଗୁଡିକ କଲେକସନ କରିବା ପରେ ଘରେ ବସି ସେଗୁଡିକୁ ପଢୁଛନ୍ତି। ଏ ସମ୍ପର୍କରେ କ୍ରିତି କହନ୍ତି, 'ଏବେ ତ କିଛି କାମ ନାହିଁ। ତେଣୁ କ'ଣ କରିବି ପ୍ରଥମେ ଚିନ୍ତା କରିଥିଲି। ଏହି ସମୟରେ ଭାବିବା ବେଳେ ମୋ ମନକୁ ଏକ କଥା ଆସିଥିଲା। ଯଦି ମୁଁ ନାମୀ ଲେଖକଙ୍କ ବହି ପଢ଼େ ତେବେ ସେଥିରୁ ଅନେକ କିଛି ଶିଖିପାରିବି। ତା' ସହ ସମୟ ମିଳିଲେ ସିଧାସଳଖ କିଚେନ୍‌କୁ ଯାଇ ମନ ପସନ୍ଦର ଖାଦ୍ୟ ପ୍ରସ୍ତୁତ କରୁଛି।' ସବୀର ଖାଁଙ୍କ ନିର୍ଦ୍ଦେଶିତ ଏବଂ ସାଜିଦ ନାଦିଓ୍ୱାଦଓ୍ୱାଲାଙ୍କ ପ୍ରଯୋଜିତ 'ହେରୋପନ୍ତି'ରେ ତାଙ୍କୁ ବଲିଉଡ୍‌ରେ ବ୍ରେକ ମିଳିଥିଲା। ଏହାପରେ ସେ 'ଦିଲ୍‌ଓ୍ୱାଲେ', 'ରବତା', 'ବରେଲି କି ବରଫି', 'କଲଙ୍କ', 'ଅର୍ଜୁନ ପାତିଆଲା', 'ହାଉସଫୁଲ-୪', 'ପାନିପଥ', 'ପତି ପତ୍ନୀ ଔର ଓ'ରେ ଅଭିନୟ କରିସାରିଛନ୍ତି। ଅନ୍ୟପକ୍ଷରେ ସେ ସାଇନ୍ କରିଥିବା ଏକ ଅନଟାଇଟଲଡ୍ ଫିଲ୍ମର ଶୁଟିଂ ଆରମ୍ଭ ହେବ।



କ୍ରିତି ସାନନ୍

# ଶାହରୁଖଙ୍କ ପ୍ରଶଂସାରେ ଆଲିୟା

ଆଲିୟା ଭଟ୍ଟଙ୍କ ମୁହଁରେ ଏବେ ଶାହରୁଖଙ୍କ ପ୍ରଶଂସା। ତାହାର କାରଣ ମଧ୍ୟ ରହିଛି। କଥା କ'ଣ କି 'ଡିୟର ଜିନ୍ଦେଗୀ' ପରେ ସେ ପୁଣି ଥରେ ଶାହରୁଖଙ୍କ ସହ ଅଭିନୟ କରିବେ। ଯେତେବେଳେ ଏହି ଅଫରଟି ତାଙ୍କୁ ମିଳିଲା ସେତେବେଳେ ସେ ଖୁସିରେ ନାଚି ଉଠିଥିଲେ। କାହାଣୀ ଶୁଣିବେ କ'ଣ ତା' ପୂର୍ବରୁ 'ମୁଁ ଏହି ଫିଲ୍ମରେ ନିଶ୍ଚୟ ଆକ୍ଟିଂ କରିବି' ବୋଲି କହିବାକୁ ପଛାଇ ନ ଥିଲେ। ଏ ନେଇ ଆଲିୟା କହନ୍ତି, 'ଶାହରୁଖଙ୍କ ପରି ଜଣେ ଲୋକପ୍ରିୟ ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଯେତେବେଳେ ଏହି ଅଫରଟି ମୋତେ ମିଳିଲା ମୁଁ ଏତେ ଖୁସି ହୋଇଯାଇଥିଲି ଯେ ତାହାକୁ ବର୍ଣ୍ଣନା କରିବାକୁ ମୋ ନିକଟରେ ଭାଷା ନାହିଁ।' ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ଏହି ନୂଆ ଫିଲ୍ମର ପ୍ରାରମ୍ଭିକ କାମ କିଛି ଦିନ ଆରମ୍ଭ ହେବା ପରେ ଏବେ କରୋନା ପାଇଁ ସ୍ଥଗିତ ରହିଛି। ଏପରି କି ଫିଲ୍ମର ଟାଇଟଲ ମଧ୍ୟ ଫାଇନାଲ ହୋଇନାହିଁ। ଆଉ ଏକ କଥା। ଦୁଇ ବର୍ଷର ଗ୍ୟାପ୍ ପରେ ଶାହରୁଖ ପୁଣି ଥରେ କ୍ୟାମେରା ସାମନା କରିବେ। ତାଙ୍କ ଅଭିନୀତ 'ଜିରୋ' ୨୦୧୮ରେ ରିଲିଜ ହୋଇଥିଲା। କେବଳ ସେତିକି ନୁହେଁ, ଫିଲ୍ମଟି ମଧ୍ୟ ଫ୍ଲପ ହୋଇଥିଲା।

# କରୀନାଙ୍କ ଫିଟ୍‌ନେସ ଟିପ୍ସ

ଏବେ ତ କରୋନା ଯୋଗୁ ଫିଲ୍ମ ଶୁଟିଂ ବନ୍ଦ ଅଛି। ସେପଟେ ଲକ୍ ଡାଉନ୍ ଯୋଗୁ ସମସ୍ତେ ନିଜ ନିଜ ଘରେ ହିଁ ରହୁଛନ୍ତି। ତେଣୁ ଏପରି ସମୟରେ କରୀନା ନିଜକୁ ଏକ କାମରେ ବ୍ୟସ୍ତ ରଖିଛନ୍ତି। କିପରି ନିଜକୁ ଫିଟ୍ ରଖିବ ଏବଂ ସ୍ଲିମ ଟ୍ରିମ୍ ରହିବ ସେ ନେଇ ସାଙ୍ଗମାନଙ୍କୁ ଟିପ୍ସ ଦେଉଛନ୍ତି ସେ। ଏ ସମ୍ପର୍କରେ କରୀନା କହନ୍ତି, 'ଏବେ ତ କିଛି କାମ ନାହିଁ। ତେଣୁ ଘରେ ହିଁ ସମୟ କଟୁଛି। ନିକଟରେ ମୋର ଜଣେ ସାଙ୍ଗ ମୋତେ ଫୋନ୍ କରିଥିଲେ। ଏମିତି କଥାବାର୍ତ୍ତା ଭିତରେ ସେ ନିଜକୁ କିପରି ଫିଟ୍ ରଖିବେ ସେ ନେଇ ମୋତେ ପଚାରି ଥିଲେ। ବାସ୍, ତାଙ୍କୁ କିଛି ଟିପ୍ସ ଦେବା ପରେ ଏବେ ଜଣେ ପରେ ଜଣେ ସାଙ୍ଗ ମୋତେ ଫୋନ୍ କରି ଫିଟନେସ ବିଷୟରେ ପଚାରୁଛନ୍ତି। ତେଣୁ ସେମାନଙ୍କୁ ଏ ନେଇ ଟିପ୍ସ ଦେବାକୁ ଆଦୌ କୁଣ୍ଠାବୋଧ କରୁନି। ଅନ୍ୟପକ୍ଷରେ ନିଜକୁ କିପରି ସ୍ଲିମ୍ ଟ୍ରିମ୍ ରଖିବାକୁ ହେବ ସେ ନେଇ ଆଡଭାଇସ୍ ଦେଉଛି।' ବର୍ତ୍ତମାନ ନିର୍ମାଣାଧୀନ 'ଲାଲ୍ ସିଂ ଚଢ଼ା'ରେ ସେ ଅଭିନୟ କରୁଛନ୍ତି। ଏଥିରେ ସେ ଆମୀର ଖାଁଙ୍କ ସହ ସ୍କ୍ରିନ୍ ଶେୟାର କରିବେ। ଫିଲ୍ମଟି ଚଳିତବର୍ଷ ଡିସେମ୍ବର ୨୫ରେ ରିଲିଜ ହେବାର ଯୋଜନା ରହିଛି।




ଦୀପକ-ସ୍ୱାତୀ

# ଦୀପକ ଯାହା ଚାହୁଁଥିଲେ..

ଦୀପକ ଯାହା ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଅର୍ଥାତ୍ ସେ ଯେଉଁଭଳି ଭୂମିକାରେ ଦର୍ଶକଙ୍କ ସାମନାକୁ ଆସିବାକୁ ଆଶା ରଖିଥିଲେ ତାହା ପୂରଣ ହୋଇଛି। ଫିଲ୍ମଟି ହେଲା 'ଅଟୋଗ୍ରାଫ-ଏ ସାଇନ୍ ଅଫ ଲଭ୍'। କାହାଣୀ ଅନୁସରେ-ଜଗା କଲେଜରେ ପଢ଼େ। ନିଜେ ଅସୁବିଧାରେ ପଡିଲେ ମଧ୍ୟ ଅନ୍ୟମାନଙ୍କୁ ସାହାଯ୍ୟର ହାତ ବଢ଼ାଇବାକୁ ପଛାଏ ନାହିଁ। ହେଲେ କଲେଜରେ ପଢ଼ିବା ସମୟରେ ତାକୁ ନିଜର ପ୍ରେମ ଜାଲରେ ବାନ୍ଧି ଦେଇଛି ରାଗିଣୀ ନାମ୍ନୀ ସୁନ୍ଦରୀ ଝିଅଟିଏ। ହେଲେ ଲଭ୍ ଚକ୍କରରେ ପଡିବାକୁ ଚାହେଁନା ଜଗା। ତେବେ ଜଗାକୁ ନେଇ ରାଗିଣୀ ଯେଉଁ ସ୍ୱପ୍ନ ଦେଖିଛି ତାହା ସଫଳ ହେଉଛି ତ ? ପ୍ରଥମେ ପ୍ରେମ ବିଷୟରେ କିଛି ଜାଣି ନ ଥିବା ଜଗା, ରାଗିଣୀକୁ ପ୍ରେମିକା ଭାବରେ ଗ୍ରହଣ କରୁଛି ତ ? ଏପରି ପ୍ରଶ୍ନର ଉତ୍ତର ରହିଛି ଏହି ନିର୍ମାଣାଧୀନ ଓଡ଼ିଆ ସିନେମାରେ। ଏ.ଆର. ରହମନ ଏବଂ ପ୍ରସନ୍ନ ଦ୍ୱିବେଦୀଙ୍କ ପ୍ରଯୋଜିତ ଏହି ସିନେମାର ନିର୍ଦ୍ଦେଶନା ଦେଉଛନ୍ତି ରମେଶ ରାଉତ। ଖାସ୍ କଥା ହେଲା, ଦୀପକଙ୍କ ଅପୋଜିଟ୍‌ରେ ଏଥିରେ ସ୍କ୍ରିନ୍ ଶେୟାର କରିଛନ୍ତି ମଡେଲିଂରୁ ବଡ ପରଦାରେ ପାଦ ରଖିବାକୁ ଯାଉଥିବା ନବାଗତା ସ୍ୱାତୀ। ଦୀପକ-ସ୍ୱାତୀ ଯୋଡି ବ୍ୟତୀତ ପିଣ୍ଟୁ ନନ୍ଦ, ପ୍ରତିଭା ପଣ୍ଡା, ଜୀବନ ପଣ୍ଡା, ପ୍ରଦ୍ୟୁମ୍ନ ଲେଙ୍କା, ପୃଥ୍ୱୀରାଜ ନାୟକ, ଅଶୋକ ଦାସ, ଗୁଡ୍ଡୁ, ଶକ୍ତି ବରାଳ ପ୍ରମୁଖ କଳାକାର।

# ଇକୋ ଫ୍ରେଣ୍ଡଲି ପର୍ଯ୍ୟଟନସ୍ଥଳୀ











**ବ୍ୟସ୍ତମୟ ଜୀବନରୁ କିଛି ମୁହୂର୍ତ୍ତର ବିରତି ନେଇ କୁଆଡେ ଟିକେ ବୁଲି ଆସିବାକୁ ଅନେକଙ୍କର ଇଚ୍ଛା ଥାଏ। କାହାକୁ ପାହାଡ଼ ଜଙ୍ଗଲ ଘେରା ପ୍ରାକୃତିକ ପରିବେଶରେ ସମୟ ବିତାଇବାକୁ ଭଲ ଲାଗେ ତ ଆଉ କାହାକୁ ଦୁଃସାହସିକ ପର୍ଯ୍ୟଟନରେ ଯିବାକୁ ଇଚ୍ଛା ହୋଇଥାଏ। ସେହିପରି ଆଉ କେହି କେହି ବି ଅଛନ୍ତି, ଯେଉଁମାନଙ୍କୁ ଶାନ୍ତ, ସ୍ୱଚ୍ଛ ସ୍ଥାନରେ ଛୁଟି କଟାଇବାକୁ ପସନ୍ଦ ଆସିଥାଏ। ସାଧାରଣରେ କହିବାକୁ ଗଲେ ଏବେ ଲୋକଙ୍କ ଭିତରେ ଇକୋ ଫ୍ରେଣ୍ଡଲି ପର୍ଯ୍ୟଟନସ୍ଥଳୀକୁ ନେଇ ଅନେକ ଚାହିଦା ରହୁଥିବା ଦେଖିବାକୁ ମିଳୁଛି। ତେଣୁ ଏଠାରେ ସେମିତି କିଛି ଲୋକପ୍ରିୟ ଇକୋ ଫ୍ରେଣ୍ଡଲି ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ଉଲ୍ଲେଖ କରାଗଲା–**

**କାହ୍ନା ଜାତୀୟ ଉଦ୍ୟାନ :** ମଧ୍ୟପ୍ରଦେଶସ୍ଥିତ ଏକ ଲୋକପ୍ରିୟ ଅଭୟାରଣ୍ୟ ଭାବେ ଏହା ପରିଚିତ। ମୁଖ୍ୟତଃ ମହାବଳ ବାଘ ଏଠାରେ ବହୁ ପରିମାଣରେ ଦେଖିବାକୁ ମିଳିଥାନ୍ତି। ତା'ଛଡ଼ା ବାରାଶିଙ୍ଘାଙ୍କ ସୁରକ୍ଷା କ୍ଷେତ୍ରରେ ବି ଏଠାରେ ବିଶେଷ ଧ୍ୟାନ ଦିଆଯାଇଥାଏ। ସେହିପରି ପ୍ରାୟ ୩୫୦ ପ୍ରଜାତିର ପକ୍ଷୀ ମଧ୍ୟ ଏଠି ଦେଖିବାକୁ ମିଳୁଥିବା ସୂଚନା ରହିଛି। ପାଖାପାଖି ୯୪୦ ବର୍ଗ କି.ମି. ପରିମିତ ଅଞ୍ଚଳ ଉପରେ ଗଢ଼ି ଉଠିଥିବା ଏହି ଅଭୟାରଣ୍ୟଟିର ପ୍ରାକୃତିକ ପରିବେଶ ସବୁ ଶ୍ରେଣୀର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରିଥାଏ। ତା'ଛଡ଼ା ଇକୋ ଫ୍ରେଣ୍ଡଲି ପର୍ଯ୍ୟଟନସ୍ଥଳୀ ଭାବେ ମଧ୍ୟ ଏହି ସ୍ଥାନଟିର ବେଶ୍ ଖ୍ୟାତି ରହିଛି।

**ଥେନମାଲା:** କେରଳର କୋଲାମ ଜିଲା ଅନ୍ତର୍ଗତ ଥେନମାଲା ବି ଏକ ଇକୋ ଫ୍ରେଣ୍ଡଲି ପର୍ଯ୍ୟଟନସ୍ଥଳୀ ଭାବେ ଜଣାଶୁଣା। ସ୍ଥାନୀୟ ଆଞ୍ଚଳିକ ଭାଷା ଅନୁଯାୟୀ ଥେନମାଲାର ଅର୍ଥ ହେଉଛି 'ହନି ହିଲ୍'। ଏଠାରେ ହନି ମାନେ ମହୁକୁ ବୁଝାଇଥାଏ। ଏହି ଅଞ୍ଚଳରେ ସ୍ୱଚ୍ଛ ଓ ଶୁଦ୍ଧ ମହୁ ପ୍ରଚୁର ପରିମାଣରେ ମିଳୁଥିବାରୁ ଏହାର ଏପରି ନାମକରଣ ହୋଇଥିବା ଅନୁମାନ କରାଯାଏ। ତା'ଛଡ଼ା ଏଠାରେ ପାହାଡ଼, ଝରଣା ଓ ହ୍ରଦ ବି ଦେଖିବାକୁ ମିଳିଥାଏ। ସେହିପରି ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ମଧ୍ୟ ଏଠି ରୋପ୍ ବ୍ରିଜ୍, ମାଉଣ୍ଟେନେରିଂ, ବାଇକିଂ ଏବଂ ମ୍ୟୁଜିକାଲ୍ ଫାଉଣ୍ଟେନ୍ ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ରହିଛି।

**ମାଓ୍ୱଲିନୋଙ୍ଗ:** ଭାରତର ଏହା ଏକ ସ୍ୱଚ୍ଛ ଗ୍ରାମ ଭାବେ ପରିଚିତ। ମେଘାଳୟରେ ଏହା ଅବସ୍ଥିତ। ଉକ୍ତ ଗ୍ରାମର ପ୍ରତି ଘରର ଦୁଆର ମୁହଁରେ ଗୋଟିଏ ଗୋଟିଏ ବାଉଁଶର ଝୁଡ଼ି ରହିଥିବା ଦେଖିବାକୁ ମିଳିଥାଏ। ଏପରିକି ଗ୍ରାମର ରାସ୍ତା କଡରେ ବି ଠାଏ ଠାଏ ଏହି ଝୁଡ଼ି ଥୁଆ ହୋଇଥାଏ। ଗ୍ରାମର ପ୍ରତ୍ୟେକ ସଦସ୍ୟ ଘରେ ହେଉ କି ବାହାରେ କେଉଁଠି ଅଳିଆ ପଡି ଥିବାର ଦେଖିଲେ ସଙ୍ଗେ ସଙ୍ଗେ ତାହାକୁ ଗୋଟାଇ ଆଣି ଏହି ଝୁଡ଼ିଗୁଡ଼ିକରେ ପକାଇ ଦେଇଥାନ୍ତି। ପରବର୍ତ୍ତୀ ସମୟରେ ସେହି ଅଳିଆକୁ ନେଇ ସେମାନେ ଖତ କରି ଚାଷ ଜମିରେ ବ୍ୟବହାର କରିଥାନ୍ତି। ଗ୍ରାମକୁ ସଫାସୁତୁରା ରଖିବା କି ଗ୍ରାମର ଉନ୍ନତି କ୍ଷେତ୍ରରେ ଏଠାକାର ଗ୍ରାମବାସୀ କାହାର ସାହାଯ୍ୟ ସହଯୋଗକୁ ଅପେକ୍ଷା କରି ରହନ୍ତି ନାହିଁ। ସେମାନେ ମିଳିତ ଭାବେ ଏସବୁ କାମ ନିଜ ନିଜ ଭିତରେ କରିନେବାକୁ ପସନ୍ଦ କରିଥାନ୍ତି। ତେଣୁ ସ୍ୱଚ୍ଛତା ହେଉ କି ବୁଝାମଣା କ୍ଷେତ୍ରରେ ଏହି ଗ୍ରାମରୁ ଆମକୁ ଅନେକ କିଛି ଶିଖିବାର ଅଛି।

**ଖୋନୋମା:** ନାଗାଲାଣ୍ଡର କୋହିମା ଜିଲା ଅନ୍ତର୍ଗତ ଏକ ସୌନ୍ଦର୍ଯ୍ୟପୂର୍ଣ୍ଣ ଗ୍ରାମ ହେଲା ଖୋନୋମା। ପାହାଡ଼ ଜଙ୍ଗଲ ପରିବେଷ୍ଟିତ ଏହି ଗ୍ରାମରେ ଜାତି ଜାତିକା ପକ୍ଷୀ ଦେଖିବାକୁ ମିଳିଥାନ୍ତି। ସେମାନଙ୍କର କିଚିରିମିଚିରି ଶବ୍ଦ ଏଠାକାର ପରିବେଶକୁ ବେଶ୍ ମନୋରମ କରିଦିଏ। ତା'ଛଡ଼ା ପର୍ଯ୍ୟଟନ ଦୃଷ୍ଟି କୋଣରୁ ବି ଏହା ବେଶ୍ ସମୃଦ୍ଧି ଲାଭ କରିପାରିଛି। ସେଥିପାଇଁ ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବାକୁ ମିଳିଥାଏ।

**ପ୍ରାଗପୁର୍:** ହିମାଚଳ ପ୍ରଦେଶର କାଙ୍ଗରା ଜିଲା ଅନ୍ତର୍ଗତ ଏକ ଶାନ୍ତ, ସୁନ୍ଦର ଗ୍ରାମ ହେଉଛି ପ୍ରାଗପୁର୍। ଏଠାରେ ରହିଛି ଅନେକ ଦର୍ଶନୀୟ ସ୍ଥାନ। ସେହିପରି କଳା, ସଂସ୍କୃତି ତଥା ହସ୍ତକଳା କ୍ଷେତ୍ରରେ ଏହି ଗ୍ରାମ ବେଶ୍ ପ୍ରସିଦ୍ଧି ଲାଭ କରିପାରିଛି। ବିଶେଷକରି ଏଠାକାର କମ୍ବଳ, ସାଲ୍ ଓ ପ୍ରିଣ୍ଟେଡ୍ ପୋଷାକର ଚାହିଦା ଦେଶବିଦେଶରେ କାହିଁରେ କେତେ ରହିଛି। ପ୍ରାକୃତିକ ପରିବେଶଭରା ଏହି ଗ୍ରାମରେ ଟିକେ ଶାନ୍ତି ପାଇବା ଆଶାରେ ପର୍ଯ୍ୟଟକ ଏଠାକୁ ଧାଇଁ ଆସିଥାନ୍ତି।

କେବଳ ଏତିକି ନୁହେଁ ଦେଶରେ ଆହୁରି ବି କେତେକ ସ୍ଥାନ ଅଛି, ଯାହା ଇକୋ ଫ୍ରେଣ୍ଡଲି ପର୍ଯ୍ୟଟନସ୍ଥଳୀ ତାଲିକା ଅନ୍ତର୍ଭୁକ୍ତ ହୋଇଥାଏ। ଯେମିତିକି କର୍ନାଟକର କୁର୍ଗ, ସିକ୍କିମର କାଞ୍ଚନଜଙ୍ଘା ରାଷ୍ଟ୍ରୀୟ ଉଦ୍ୟାନ, ଉତ୍ତରାଖଣ୍ଡର ଶୀତଲାକ୍ଷେତ ଇତ୍ୟାଦି ଅନ୍ୟତମ।



# ମଡେଲ ମିରର୍




ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କୁମାର ଶତର, ଧରିତ୍ରୀ

## ସୂଚନା

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

# ହାଃ ହାଃ

## ମା' ପୁଅ

ପୁଅ ମୋବାଇଲ୍‌ରେ ଖେଳୁଥାଏ। ମା' ତାକୁ ପଚାରୁଥାଏ...
ମା' : ବେଟା, ସେଓ ଖାଇବୁ ?
ପୁଅ : ନା ନା
ମା' : ବେଟା, ଆମ୍ବ ଖାଇବୁ ?
ପୁଅ : ନା ନା
ମା' : ବେଟା, କମଳା ଖାଇବୁ ?
ପୁଅ : (ବଡ଼ପାଟିରେ) ନା ନା ନା-
ମା' : (ରାଗିକି) ପୂରା ବାପ ଭଳି ହେଇଛି। ତା'ହେଲେ କ'ଣ ଚପଲ ଖାଇବୁ ?

## ଶିକ୍ଷକ ଛାତ୍ର


ଶିକ୍ଷକ ଛାତ୍ର ମଧ୍ୟରେ କଥାବାର୍ତ୍ତା...
ଶିକ୍ଷକ : ଆଚ୍ଛା ଦୀପକ୍! ତମେ ବଡ଼ ହେଇ କ'ଣ କରିବ ?
ଦୀପକ୍ : ସାର, ମୁଁ ବଡ଼ ହୋଇ ବିବାହ କରିବି।
ଶିକ୍ଷକ : ଆରେ ନା ନା। ତମେ ବଡ଼ ହେଇ କ'ଣ ହେବ ?
ଦୀପକ୍ : ଓଃ। ସାର୍ ମୁଁ ବଡ଼ ହେଇ ବର ହେବି।
ଶିକ୍ଷକ : ଆରେ ବାବା, ମୁଁ ସେକଥା କହୁନି। ତୁମେ ବଡ଼ ହେଇ କ'ଣ ଘରକୁ ଆଣିବ ?
ଦୀପକ୍ : ସାର ମୁଁ ବଡ଼ ହେଇ ଗୋଟେ ବୋହୂ ଘରକୁ ଆଣିବି।

## ଯୁବକ-ଯୁବତୀ

ଜଣେ ଯୁବକ ଜଣେ ସୁନ୍ଦରୀ ଯୁବତୀକୁ ଦେଖି କହିଲା...
ଯୁବକ : ମୋ ହୃଦୟ ଖୋଲାଅଛି ଜାନେମନ୍। ସେଇଠିକି ଚାଲି ଆସନା।
ଯୁବତୀ : ସତରେ ନା କ'ଣ ମ ! ଚପଲ କାଢ଼ିବିକି ?
ଯୁବକ : ଆରେ ନା ନା, ମୋ ହୃଦୟ ମନ୍ଦିର ନୁହେଁ ; ଗୋଟେ ପାନ୍ଥଶାଳା। ଚପଲ କାଢ଼ିବା ଦରକାର ନାହିଁ।

# ଯେଉଁଠି କେବେ ବର୍ଷା ହୁଏନା

ପୃଥିବୀରେ ଏମିତି ଅନେକ ସ୍ଥାନ ଅଛି ଯାହା ବେଶ୍ ଆଶ୍ଚର୍ଯ୍ୟଜନକ। ସେଥିମଧ୍ୟରୁ ଗୋଟିଏ ହେଉଛି ଏକ ଛୋଟ ଗାଁ ଅଲ୍- ହୁଟୈବ। ଏଠାରେ କେବେ ବର୍ଷା ହିଁ ହୁଏ ନାହିଁ। ଏହା ଏକ ମରୁଭୂମି ବି ନୁହେଁ। ତଥାପି ବର୍ଷା ଏଠି କେବେ ବି ହୁଏ ନାହିଁ। ଏହା ୟେମେନର ରାଜଧାନୀ ସନାର ପଶ୍ଚିମରେ ଥିବା ମନଖ୍ର ନିର୍ଦ୍ଦେଶାଳୟ ହରଜ କ୍ଷେତ୍ରରେ ଅଛି। ପାହାଡ଼ର ଶୀର୍ଷରେ ଥିବା ଏହି ଗାଁରେ ବର୍ଷା ନ ହେଲେ ବି ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଫିକା ପଡି ନାହିଁ। ବରଂ ବେଶ୍ ମନୋରମ। ପର୍ଯ୍ୟଟକ ଏହାର ସୌନ୍ଦର୍ଯ୍ୟକୁ ଉପଭୋଗ କରିବା ପାଇଁ ଆସନ୍ତି। ଏହି ଗାଁ ଭୂମିଠାରୁ ୩୨୦୦ ମିଟର ଉଚ୍ଚତାରେ ଅବସ୍ଥିତ। ଏଠାକାର ବାତାବରଣ ଗରମ ରହେ। କିନ୍ତୁ ଶୀତଦିନେ ବହୁତ ଥଣ୍ଡା ରହେ। ଏଠାରେ ପ୍ରାଚୀନ ଓ ଆଧୁନିକ ବାସ୍ତୁକଳା ବହୁତ ସୁନ୍ଦର। ଏଠାକାର ଲୋକଙ୍କୁ ୟେମେନୀ ସମୁଦାୟର କୁହାଯାଏ। ତେବେ ଏଠାରେ ବର୍ଷା ନ ହେବାର କାରଣ ହେଉଛି କି ଗାଁଟି ବାଦଲ ଉପରେ ଅବସ୍ଥିତ। ବାଦଲ ଗାଁ ତଳେ ରହେ ଓ ବର୍ଷିଯାଏ।







ବ୍ୟାକ୍ ପେଜ୍

## କାର୍ଟୁନ କର୍ଣ୍ଣର

